**ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃ ବସତିରେ କ୍ଷତିପୂରଣ ଏବଂ ସ୍ୱଛତା ପ୍ରତି ଅଧିକାର ଆଇନ, ୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ, ଓଡିଶାର ଅନୁଗୁଳ ଜିଲ୍ଲା ମଧ୍ୟ ଦେଇ ଅତିକ୍ରମ କରୁଥିବା ଶାଳଗାଁ ବୁଢାପଙ୍କ ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥ ପ୍ରକଳ୍ପ ମଧ୍ୟରେ କ୍ଷତିଗ୍ରସ୍ତ ଗ୍ରାମର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳିୟ ବିଶେଷଜ୍ଞ ଗୋଷ୍ଠୀର ତା ୨୧।୦୮।୨୦୧୯ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ ସଭାଗୃହ , ଅନୁଗୁଳ ଠାରେ ଅନୁଷ୍ଠିତ ବୈଠକ ବିବରଣୀ ।**

---

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃ ବସତିରେ କ୍ଷତିପୂରଣ ଏବଂ ସ୍ୱଛତା ପ୍ରତି ଅଧିକାର ଆଇନ,୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ଓଡିଶାର ଅନୁଗୁଳ ଜିଲ୍ଲା ମଧ୍ୟ ଦେଇ ଅତିକ୍ରମ କରୁଥିବା ଶାଳଗାଁ ବୁଢାପଙ୍କ ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥ ପ୍ରକଳ୍ପ ମଧ୍ୟରେ ୨୪ ଗୋଟି କ୍ଷତିଗ୍ରସ୍ତ ଗ୍ରାମର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳିୟ ବିଶେଷଜ୍ଞ ଗୋଷ୍ଠୀର ବୈଠକ ଜିଲ୍ଲା ସଦଭାବନା ସଭାଗୃହ, ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଲଗ୍ନ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

ବୈଠକ ପ୍ରାରମ୍ଭରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଳ ପ୍ରକଳ୍ପ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ, ଏବଂ ଅତିରିକ୍ତ ଜିଲ୍ଲାପାଳ, ଅନୁଗୁଳ ମହୋଦୟଙ୍କୁ ଅଧକ୍ଷତା କରିବା ପାଇଁ ଅନୁରୋଧ କରିଥିଲେ । ତାହାପରେ ଉପମୁଖ୍ୟ ଯନ୍ତ୍ରୀ, ପୂର୍ବ ତଟ ରେଳପଥ ବୈଠକର ଉଦ୍ଦେଶ୍ୟ ବିଷୟରେ ଏବଂ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ବିଷୟରେ ବିଶଦ ସୂଚନା ପ୍ରଦାନ କରିଥିଲେ ।

ଶାଳଗାଁ ବୁଢାପଙ୍କ ରେଳପଥର ତୃତୀୟ ଏବଂ ଚତୁର୍ଥ ଲାଇନ ନିର୍ମାଣ, ସଂପୃକ୍ତ ଅଞ୍ଚଳର ସର୍ବସାଧାରଣଙ୍କର ଶିକ୍ଷା,ସ୍ୱାସ୍ଥ୍ୟ, ବ୍ୟବସାୟ, ଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହେବା ପାଇଁ ଏକାନ୍ତ ଆବଶ୍ୟକ ଥିବା ହେତୁ ଆବଶ୍ୟକ ଭୂମି ଅଧିଗ୍ରହଣ କରାଯିବା ପାଇଁ ସମସ୍ତେ ସମ୍ମତି ପ୍ରଦାନ କରିଥିଲେ ।

ଗ୍ରାମରେ ହୋଇଥିବା ଜନଶୁଣାଣୀ ନିଷ୍ପତ୍ତି ର ପଦକ୍ଷେପ ବିଷୟରେ ଏଠାରେ ଆଲୋଚନା ହୋଇ ନିମ୍ନଲିଖିତ ଦାବି ଗୁଡିକ କାର୍ଯ୍ୟକାରୀ କରିବା ନିମନ୍ତେ ସୁପାରିସ କରାଗଲା ।

କ୍ରମଶଃ

୧) ରେଳପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ପ୍ଲଟର ବଳକା ଜମି ୧ ଡେସିମିଲରୁ ୫ ଡେସିମିଲ ପର୍ଯ୍ୟନ୍ତ ରହି ଯାଉଥିଲେ ସେହି ପ୍ଲଟକୁ ସଂପୂର୍ଣ୍ଣ ରୂପେ ଅଧିଗ୍ରହଣ କରିବା ପାଇଁ ସଭାରେ ସ୍ଥିର ହୋଇଥିଲା ।

୨) ଗ୍ରାମ୍ୟ ରାସ୍ତା ଗୁଡିକରେ ଯେଉଁଠାରେ ଲେବଲ କ୍ରସିଂ ରହିଛି ସେଠାରେ ଜନସାଧାରଣ ବହୁ ସମୟ ଅପେକ୍ଷ୍ୟା କରିବାକୁ ପଡୁଛି । ଏଣୁ ସେହି ସ୍ଥାନ ମାନଙ୍କରେ ଲେବଲ କ୍ରସିଂ ଉଠାଯାଇ ଆବଶ୍ୟକ ସ୍ଥଳେ ଓଭର ବ୍ରିଜ ଓ ଭୂତଳ ରାସ୍ତା କରାଯିବା ପାଇଁ ସଭାରେ ଆଲୋଚନା କରାଗଲା।

୩) ରେଳପ୍ରକଳ୍ପର ଅତି ନିକଟରେ ଥିବା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ସୁରକ୍ଷିତ ନିମନ୍ତେ ପାଚେରି ଅଥବା ପ୍ରତିବନ୍ଧ ନିର୍ମାଣ କରିବା ଉଚିତ ବୋଲି ସଭାର ଆଭିମୁଖ୍ୟ ରହିଥିଲା ।

୪) ରେଳପ୍ରକଳ୍ପ ଦ୍ୱାରା ଗ୍ରାମରେ ଥିବା ଉପାସନା ସ୍ଥଳୀ, ଶିକ୍ଷାକେନ୍ଦ୍ର ଓ ଖେଳପଡିଆ ଗୁଡିକ କ୍ଷତିଗ୍ରସ୍ତ ହେଉଥିବାରୁ ସେଗୁଡିକୁ ଗ୍ରାମର ଉପଯୁକ୍ତ ସ୍ଥାନରେ ପୁନର୍ବାର ନିର୍ମାଣ କରିବା ପାଇଁ ସୁପାରିସ କରନ୍ତି ।

୫) ଅଧିଗ୍ରହଣ ହେଉଥିବା ଗୋଚର ଜମି, ଶ୍ମସାନ ଜମି ପାଇଁ ବଦଳ ଜମି ଦିଆଯିବାକୁ ସ୍ଥିର କରାଗଲା ।

୬) ରେଳପ୍ରକଳ୍ପ ଦ୍ୱାରା କ୍ଷ୍ୟତିଗ୍ରସ୍ତ ହେଉଥିବା ଗ୍ରାମ୍ୟ ରାସ୍ତାଗୁଡ଼ିକୁ ଆବଶ୍ୟକ ସ୍ଥଳେ ନୂତନ ନିର୍ମାଣ ବା ମରାମତି କରି ସେଠାରେ ଆଲୋକ ବ୍ୟବସ୍ଥା କରିବାପାଇଁ ସ୍ଥିର କରାଗଲା ।

୭) ରେଳ ଲାଇନର ବିପରୀତ ପାର୍ଶ୍ୱରେ ଥିବା ପ୍ରଜାମାନଙ୍କର ଚାଷଜମିକୁ ଯିବାଆସିବା କରିବାପାଇଁ ଭୂ-ତଳ ରାସ୍ତା କରାଯାଉ ବୋଲି ଆଲୋଚନା କରାଯାଇଥିଲା ।

୮) ୩ୟ ଓ ୪ର୍ଥ ରେଳପ୍ରକଳ୍ପ ମାଧ୍ୟମରେ ଜମି ଅଧିଗ୍ରହଣ ହେଉଥିବା କେତେକ ମୌଜାର ଜମିଗୁଡିକ ଚକବନ୍ଦୀ ହୋଇଥିଲେ ମଧ୍ୟ କୌଣସି ପ୍ରଜା ଚକ ଦଖଲ କରନ୍ତି ନାହିଁ । ଫଳରେ ପୂର୍ବରୁ ରହିଥିବା ସାବକ ବନ୍ଦୋବସ୍ତ ଅନୁସାରେ ଜମି ଦଖଲ କରୁଥିବାରୁ ଏହାର ବିହିତ ପଦକ୍ଷେପ ନେବା ନିମନ୍ତେ ସୁପାରିସ କରନ୍ତି ।

୯) ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରେଳ ଲାଇନ କଡରେ ରହିଯାଉଥିବା ଜମି ଉପରେ ବୃକ୍ଷ ରୋପଣ କରିବା ପାଇଁ ସୁପାରିଶ କରନ୍ତି ।

୧୦) ରେଳ ଲାଇନ ଅପର ପାର୍ଶ୍ୱରେ ଥିବା ଜମିରୁ ଜଳ ନିଷ୍କାସନ ନିମନ୍ତେ ନାଳି ବ୍ୟବସ୍ଥା ରଖାଯାଉ ।

୧୧) ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପ୍ରତେକ କ୍ଷ୍ୟତିଗ୍ରସ୍ତ ପରିବାରରୁ ଜଣକୁ ରେଳ ବିଭାଗରେ ଚାକିରି ଦେବାପାଇଁ ଆଭିମୁଖ୍ୟ ରଖାଯାଇଥିଲା ।

୧୨) ରେଳପଥ ନିର୍ମାଣ ସମୟରେ ଯେଉଁସବୁ ଶ୍ରମ କାର୍ଯ୍ୟ ହେବ ସେଥିରେ ସ୍ଥାନୀୟ ଶ୍ରମିକ ମାନଙ୍କୁ ନିୟୋଜିତ କରିବାପାଇଁ ସଭାରେ ମତବ୍ୟକ୍ତ କରାଯାଇଥିଲା ।

୧୩) ୩ୟ ଓ ୪ର୍ଥ ଲାଇନ ତିଆରି ହେବାପରେ ରେଳ ଦୁର୍ଘଟଣା ଦ୍ୱାରା ବହୁତ ଗୋରୁ, ଗାଈ ଛେଳି ଇତ୍ୟାଦି ଗୃହପାଳିତ ପଶୁଙ୍କ କ୍ଷତିର ଆଶଙ୍କା ରହିଥିବାରୁ ରେଳ ଲାଇନ କଡେ କଡେ ବାଡ ଦେବାପାଇଁ ସୁପାରିଶ କରନ୍ତି ।

୧୪) ରେଳପଥ ପାର୍ଶ୍ୱରେ ରାସ୍ତା ଏବଂ ଡ୍ରେନ ନିର୍ମାଣ କରିବା ପାଇଁ ମତବ୍ୟକ୍ତ ରଖାଗଲା ।

୧୫) କ୍ଷ୍ୟତିଗ୍ରସ୍ତ ହେଉଥିବା ପୋଖରୀର ପୁନରୁଦ୍ଧାର କରାଯାଉ ।

୧୬) କ୍ଷ୍ୟତିଗ୍ରସ୍ତ ମୌଜାର ପିଲାମାନେ Central Schoolରେ ନାମ ଲେଖାଇବା ବ୍ୟବସ୍ଥା କରାଯାଉ ।

୧୭) ଜରାଶିଙ୍ଗା ଗ୍ରାମର ନିକଟସ୍ଥ ଉପଯୁକ୍ତ ସ୍ଥାନରେ ରେଳ ରହଣି ପାଇଁ ଏକ P.H. Station ନିର୍ମାଣ କରିବାପାଇଁ ଦାବି ରହିଥିଲା ।

୧୮) କ୍ଷ୍ୟତିଗ୍ରସ୍ତ ମୌଜାରେ ଚାଷୀ ମାନଙ୍କ ପାଇଁ ସେମାନଙ୍କ ଚାଷ ଜମିରେ ବିଦ୍ୟୁତ ସଂଯୋଗ କରିବାପାଇଁ ଅନୁରୋଧ କହନ୍ତି ଫଳରେ ସେମାନେ ତାଙ୍କ ଚାଷକାର୍ଯ୍ୟରେ ପାଣିମୋଟର ଚାଳନା କରିପାରିବେ ।

୧୯) ଗୋଳାବନ୍ଧ ଗ୍ରାମବାସୀ ମାନଙ୍କ ଗ୍ରାମ୍ୟ ରାସ୍ତା ଉପରେ ଏକ ନୂତନ ଲେବଲ କ୍ରସିଂ ନିର୍ମାଣ ପାଇଁ ଆଲୋଚନା କରଯାଇଥିଲା ।

୨୦) ସାନକେରଜଙ୍ଗ ମୌଜାରେ ପଣ୍ଡାବନ୍ଧଠାରୁ ଷ୍ଟେସନ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଥିଲା ।

୨୧) ୩ୟ ଓ ୪ର୍ଥ ରେଳପ୍ରକଳ୍ପର କ୍ଷ୍ୟତିଗ୍ରସ୍ତ ପ୍ରଜାମାନେ ପୂର୍ବରୁ ହୋଇଥିବା ୧ମ ଓ ୨ୟ ରେଳପ୍ରକଳ୍ପର ଅଧିଗ୍ରହଣ ରାଶି ପାଇବା ପାଇଁ ସହଯୋଗ କରିବା ନିମିତ ଅନୁରୋଧ କରନ୍ତି ।

୨୨) M / S ଜିନ୍ଦଲ କମ୍ପାନୀ କରିଥିବା ଜମି ଅଧିଗ୍ରହଣର କ୍ଷତିପୂରଣ ରାଶି ଏ ପର୍ଯ୍ୟନ୍ତ ଦେଇ ନଥିବାରୁ ତାହାକୁ ୩ୟ ଓ ୪ର୍ଥ ରେଳପ୍ରକଳ୍ପ ଜମି ଅଧିଗ୍ରହଣ ପୂର୍ବରୁ ଏହା ପ୍ରଦାନ କରାଯିବା ନିମନ୍ତେ ଆପତ୍ତି କରନ୍ତି ।

୨୩) ସରକାରୀ ଜମି ଉପରେ ଥିବା ଉଠା ଦୋକାନୀ ଗୁଡିକୁ କ୍ଷ୍ୟତିଗ୍ରସ୍ତ ହେଉଥିବାରୁ ତାଙ୍କୁ କ୍ଷତିପୂରଣ ନିମନ୍ତେ ସୁପାରିସ କରନ୍ତି ।

ଚେୟାରମ୍ୟାନ ୧୮.୧୦.୧୮.

ଡିଷ୍ଟ୍ରିକ୍ଟ ଲେଭେଲ ଇଣ୍ଡିପେଣ୍ଡେନସ

ମଲଟିଡିସିପ୍ଲିନାରୀ ଏକ୍ସପର୍ଟ ଗ୍ରୁପ, ଅନୁଗୁଳ